**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୯୩.୨୦ • ପାଉଣ୍ଡ ୧୨୫.୬୧
- ୟୁରୋ ୧୦୯.୪୪ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୪୨,୮୦୦ (ଭୁବନେଶ୍ୱର)
- ରୁପା : ୨,୮୦,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୭୮,୪୯୩.୦୦
- ନିଫ୍ଟି ୨୪,୩୫୩.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ରୁଷରୁ ତେଲ କିଣାରେ ଅସ୍ଥାୟୀ ରିଆତି

ୱାଶିଂଟନ୍, ୧୮।୪ (ଏଜେନ୍ସି): ବିଶ୍ୱ ଶକ୍ତି ବଜାରରେ ଅସ୍ଥିରତା ମଧ୍ୟରେ ଆମେରିକା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନ ଭାରତ ସମେତ ଅନେକ ଦେଶକୁ ରୁଷୀୟ ତୈଳ ଏବଂ ପେଟ୍ରୋଲିୟମ ଉତ୍ପାଦ କ୍ରୟ ପାଇଁ ପ୍ରାୟ ଏକ ମାସର ଅସ୍ଥାୟୀ ଛାଡ ପ୍ରଦାନ କରିଛି। ଏହି ନିଷ୍ପତ୍ତିର ଲକ୍ଷ୍ୟ ହେଉଛି ଦ୍ରୁତ ଗତିରେ ବଢ଼ୁଥିବା ବିଶ୍ୱ ତୈଳ ମୂଲ୍ୟକୁ ନିୟନ୍ତ୍ରଣ କରିବା, ଯାହା ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ଦ୍ୱାରା ବୃଦ୍ଧି ପାଇଛି। ଏହି ରିଆତି ଏପରି ସମୟରେ ଆସିଛି ଯେତେବେଳେ ଯୁଦ୍ଧ ଶକ୍ତି ଯୋଗାଣ ଶୃଙ୍ଖଳକୁ ଗୁରୁତର ଭାବରେ ପ୍ରଭାବିତ କରିଛି। ଏଥିରେ ଅନେକ ଦେଶ ପାଇଁ ତେଲ ପାଇବା ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି। ତୈଳ କ୍ରୟ ସମ୍ପର୍କିତ ନୂତନ ଲାଇସେନ୍ସ ମେ ୧୬ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଆମେରିକା ଟ୍ରେଜେରୀ ବିଭାଗ ଦ୍ୱାରା ଜାରି କରାଯାଇଥିବା ଏହି ନୂତନ ଲାଇସେନ୍ସ ଅନୁଯାୟୀ, ଦେଶଗୁଡ଼ିକ ମେ' ୧୬ ପର୍ଯ୍ୟନ୍ତ ଲୋଡ୍ ହୋଇଥିବା ଜାହାଜରୁ ରୁଷୀୟ ତେଲ କ୍ରୟ କରିପାରିବେ। ଏହି ରିଆତି ପୂର୍ବ ୩୦ ଦିନର ଛାଡକୁ ବଦଳାଇଦେଇଛି, ଯାହା ଏପ୍ରିଲ ୧୧ରେ ଶେଷ ହୋଇଥିଲା। ତଥାପି, ଏହି ନୂତନ ଛାଡରେ ଇରାନ, କ୍ୟୁବା ଏବଂ ଉତ୍ତର କୋରିଆ ସହିତ ଜଡିତ ଯେକୌଣସି କାରବାରକୁ ବାଦ୍ ଦିଆଯାଇଛି।



ଇରାନ ସହିତ ଚାଲିଥିବା ଯୁଦ୍ଧ ବିଶ୍ୱ ଶକ୍ତି ବଜାରକୁ ଦୋହଲାଇ ଦେଇଛି। ସମ୍ପ୍ରତି, ଯେତେବେଳେ ଇରାନ ଅସ୍ଥାୟୀ ଭାବରେ ହର୍ମୁଜ୍ ପ୍ରଣାଳୀକୁ ପୁନର୍ବାର ଖୋଲିଥିଲା, ତୈଳ ମୂଲ୍ୟ ପ୍ରାୟ ୧୧% ହ୍ରାସ ପାଇ ବ୍ୟାରେଲ ପିଛା ୯୦ ଡଲାର ଉପରେ ପହଞ୍ଚିଥିଲା। ଏହା ସତ୍ତ୍ୱେ, ଅନ୍ତର୍ଜାତୀୟ ଏଜେନ୍ସିଗୁଡ଼ିକ ବିଶ୍ୱାସ କରନ୍ତି ଯେ ଏହି ଯୁଦ୍ଧ ଇତିହାସର ସବୁଠାରୁ ବଡ଼ ଶକ୍ତି ଯୋଗାଣ ବାଧାପ୍ରାପ୍ତ ହୋଇଛି। ହର୍ମୁଜ୍ ପ୍ରଣାଳୀ ପୂର୍ବରୁ ବିଶ୍ୱର ପ୍ରାୟ ୨୦% ତୈଳ ଏବଂ ଗ୍ୟାସ ଯୋଗାଣ ବହନ କରୁଥିଲା, ତେଣୁ ଏହାର ଆଂଶିକ ବନ୍ଦ ବଜାର ପାଇଁ ଏକ ବଡ଼ ଆଘାତ ହୋଇଛି।

ବିଶ୍ୱର ସବୁଠାରୁ ବଡ଼ ତୈଳ ଆମଦାନୀକାରୀ ଭାରତ ପାଇଁ ଏହି ରିଆତି ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି

## କଟକଣା ହଟାଇଲେ ଟ୍ରମ୍ପ୍

## ସହଯୋଗୀ ଦେଶଙ୍କ ସହ ଆମେରିକାର ହେବ ବିଭେଦ

ବିବେଚନା କରାଯାଏ। ରୁଷରୁ ଶସ୍ତା ତେଲ କିଣିବା ଭାରତର ଶକ୍ତି ରଣନୀତିର ଏକ ପ୍ରମୁଖ ଅଂଶ ପାଲଟିଛି। ସୂତ୍ର ଅନୁସାରେ, ପଶ୍ଚିମ ଏସିଆରେ ଯୁଦ୍ଧ ଯୋଗୁଁ ଯୋଗାଣ ବାଧାପ୍ରାପ୍ତ ହେବା ପରେ ଭାରତ ଏହି ଛାଡ଼କୁ ବୃଦ୍ଧି କରିବା ପାଇଁ ଆମେରିକା ସହିତ ଆଲୋଚନା କରିଛି। ତଥ୍ୟ ଦର୍ଶାଉଛି ଯେ ଭାରତ ଏବଂ ରୁଷ ମଧ୍ୟରେ ଶକ୍ତି ବାଣିଜ୍ୟ ସ୍ଥିର ଭାବରେ ମଜବୁତ ହେଉଛି। ମାର୍ଚ୍ଚ ମାସରେ ଭାରତ ପ୍ରାୟ ୫.୮ ବିଲିୟନ ଡଲାର (୪୮,୦୦୦ କୋଟିରୁ ଟଙ୍କାରୁ ଅଧିକ) ମୂଲ୍ୟର ଅଶୋଧିତ ତୈଳ କିଣିଛି, ଯାହା ଫେବୃଆରୀରେ ୧୨,୮୦୦ କୋଟି ଟଙ୍କା) ତୁଳନାରେ ତିନି ଗୁଣ ଅଧିକ। ଏହା ବ୍ୟତୀତ, ଭାରତ ମାର୍ଚ୍ଚ ମାସରେ ରୁଷରୁ ୩୦୦୦ କୋଟି ଟଙ୍କା ମୂଲ୍ୟର କୋଇଲା ଏବଂ ୧୬୦୦ କୋଟି ଟଙ୍କା ମୂଲ୍ୟର ପେଟ୍ରୋଲିୟମ ଉତ୍ପାଦ ଆମଦାନୀ କରିଛି। ରୁଷ ରାଷ୍ଟ୍ରଦୂତ ଡେନିସ୍ ଆଲିପୋଭ୍ ନିଶ୍ଚିତ କରିଛନ୍ତି ଯେ ତାଙ୍କ ଦେଶ ଆବଶ୍ୟକତା ଅନୁସାରେ ଭାରତକୁ ଅଶୋଧିତ ତୈଳ, ଏଲପିଜି ଏବଂ ଏଲ୍ଏନ୍‌ଜି ଯୋଗାଣ ବୃଦ୍ଧି କରିବାକୁ ପ୍ରସ୍ତୁତ।

ଯଦିଓ ଏହି ଛାଡ଼ ବିଶ୍ୱ ତୈଳ ଯୋଗାଣକୁ କିଛିମାତ୍ରାରେ ଆଶ୍ୱସ୍ତି ପ୍ରଦାନ କରିପାରେ, କିନ୍ତୁ ଏହା ରୁଷ ଉପରେ ଚାପ ପକାଇବା ପାଇଁ ପାଶ୍ଚାତ୍ୟ ଦେଶଗୁଡ଼ିକର ରଣନୀତିକୁ ଦୁର୍ବଳ କରିପାରେ। ଏହି ପଦକ୍ଷେପ ବିଶେଷକରି ଚାଲିଥିବା ୟୁକ୍ରେନ ଯୁଦ୍ଧ ମଧ୍ୟରେ ଆମେରିକା ଏବଂ ଏହାର ସହଯୋଗୀ ଦେଶଗୁଡିକ ମଧ୍ୟରେ ମଧ୍ୟ ବିଭାଜନ ସୃଷ୍ଟି କରିପାରେ। ଏହା ସ୍ପଷ୍ଟ ଯେ ଶକ୍ତି ବଜାରରେ ଅସ୍ଥିରତା ଜାରି ରହିବ ଏବଂ ଆଗାମୀ ସପ୍ତାହଗୁଡ଼ିକରେ ତୈଳ ମୂଲ୍ୟ, ସହିତ ରାଜନୈତିକ ଗତିଶୀଳତା ମଧ୍ୟ ଦ୍ରୁତ ଗତିରେ ପରିବର୍ତ୍ତନ ହୋଇପାରେ।

# ବଢ଼ିଲା କେନ୍ଦ୍ର କର୍ମଚାରୀ ମହଙ୍ଗା ଭତ୍ତା

ନୂଆଦିଲ୍ଲୀ,୧୮।୪(ଏଜେନ୍ସି): ବଢ଼ିବ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା (ଡିଏ)। ଏହି ଅନୁଯାୟୀ, କର୍ମଚାରୀଙ୍କ ପାଇଁ ମହଙ୍ଗା ଭତ୍ତା (ଡିଏ) ଏବଂ ମହଙ୍ଗା ରିଲିଫ୍ (ଡିଆର୍)ରେ ୨% ବୃଦ୍ଧି ହୋଇଛି। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ କେନ୍ଦ୍ର ସରକାରୀ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା (ଡିଏ) ଏବଂପେନସନଭୋଗୀଙ୍କୁ ମହଙ୍ଗା ସହାୟତା (ଡିଆର)ର ଅତିରିକ୍ତ କିସ୍ତି ପ୍ରଦାନ କରିବା ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏହି ବର୍ଦ୍ଧିତ ଡିଏ ଓ ଡିଆର ୨୦୨୬ ଜାନୁଆରୀ ପହିଲାଠାରୁ ପିଛିଲା ଭାବେ ଲାଗୁ ହେବ। ମୂଲ୍ୟବୃଦ୍ଧି ବିରୁଦ୍ଧରେ କ୍ଷତିପୂରଣ ଦେବା ପାଇଁ ମୂଳ ଦରମା/ପେନସନ ଉପରେ ବର୍ତ୍ତମାନର ୫୮% ହାର ଉପରେ ୨% ଅତିରିକ୍ତ ଡିଏ ଓ ଡିଆର କିସ୍ତି ପ୍ରଦାନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଫଳରେ ଡିଏ ଏବଂ ଡିଆର୍ ୫୯%ରୁ ୬୦%କୁ ବୃଦ୍ଧି ହୋଇଛି।

**ଡିଏ ୫୮ ରୁ ୬୦ ପ୍ରତିଶତ ହେଲା**

**ପେନସନଭୋଗୀଙ୍କ ଡିଆର ବୃଦ୍ଧିକୁ ମଞ୍ଜୁରୀ**

**ଜାନୁଆରୀରୁ ପିଛିଲା ଭାବେ ହେବ ଲାଗୁ**

ମହଙ୍ଗା ଭତ୍ତା ଏବଂ ମହଙ୍ଗା ସହାୟତା ଉଭୟରେ ବୃଦ୍ଧି ହେତୁ ସରକାରୀ ରାଜକୋଷ ଉପରେ ମିଳିତ ଭାବେ ବାର୍ଷିକ ୬୬୯୧.୨୪ କୋଟି ଟଙ୍କାର ଚାପ ପଡ଼ିବ। ତେବେ ଏହାଦ୍ୱାରା ପ୍ରାୟ ୫୦.୪୬ ଲକ୍ଷ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ୬୮.୨୭ ଲକ୍ଷ ପେନସନଭୋଗୀ ଉପକୃତ ହେବେ। ସପ୍ତମ କେନ୍ଦ୍ରୀୟ ବେତନ ଆୟୋଗଙ୍କ ସୁପାରିସରେ ଗୃହୀତ ସୂତ୍ର ଆଧାରରେ ଏହି ବୃଦ୍ଧି କରାଯାଇଛି। ଏହାପୂର୍ବରୁ, ଅକ୍ଟୋବରରେ ମହଙ୍ଗା ଭତ୍ତା ୫୫% ରୁ ୫୮% ବୃଦ୍ଧି କରାଯାଇଥିଲା। ପୂର୍ବ ସଂଶୋଧନ ୨୦୨୫ ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହୋଇଥିଲା ଏବଂ ବକେୟା ସହିତ ପ୍ରଦାନ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, କେନ୍ଦ୍ର ସରକାର ବର୍ଷକୁ ଦୁଇଥର ଜାନୁଆରୀ ଏବଂ ଜୁଲାଇରେ ମହଙ୍ଗା ଭତ୍ତା (ଡିଏ) ଏବଂ ମହଙ୍ଗା ରିଲିଫ୍ (ଡିଆର୍) ସଂଶୋଧନ କରିଥାନ୍ତି। ଏହି ନିଷ୍ପତ୍ତି ଏପରି ସମୟରେ ଆସିଛି ଯେତେବେଳେ କର୍ମଚାରୀ ସଂଗଠନଗୁଡ଼ିକ ୮ମ ବେତନ ଆୟୋଗ ଅଧୀନରେ ଦରମା ଗଠନରେ ବଡ଼ ପରିବର୍ତ୍ତନ ଦାବି କରୁଛନ୍ତି। ଜାତୀୟ ପରିଷଦ-ଜଏଣ୍ଟ କନସଲ୍ଟେଟିଭ୍ ମେସିନାରୀ ଏହାର ସ୍ମାରକପତ୍ରରେ ୩.୮୩ର ଅଧିକ ଫିଟମେଣ୍ଟ ଫ୍ୟାକ୍ଟର ଦାବି କରିଛି। ଯଦି ଏହି ଦାବି ଗ୍ରହଣ କରାଯାଏ, ତେବେ କର୍ମଚାରୀଙ୍କ ସର୍ବନିମ୍ନ ମୂଳ ଦରମା ୧୮,୦୦୦ ରୁ ପ୍ରାୟ ୬୯,୦୦୦ ଟଙ୍କା କୁ ବୃଦ୍ଧି ପାଇପାରେ। ସଂଗଠନ ମଧ୍ୟ ଦରମା ଗଣନା ପାଇଁ ପରିବାରର ପରିଭାଷାରେ ନିର୍ଭରଶୀଳ ପିତାମାତାଙ୍କୁ ଅନ୍ତର୍ଭୁକ୍ତ କରିବା ଏବଂ ଦରମା ଅସମାନତା ଦୂର କରିବା ପାଇଁ ପରାମର୍ଶ ଦେଇଛି। ତଥାପି, ୮ମ ବେତନ ଆୟୋଗ କାର୍ଯ୍ୟକାରୀ କରିବାର ସମୟସୀମା ଏ ପର୍ଯ୍ୟନ୍ତ ଘୋଷଣା କରାଯାଇନାହିଁ। ଏହା ଶୀଘ୍ର କାର୍ଯ୍ୟକାରୀ ହୋଇପାରେ ବୋଲି ଅନୁମାନ କରାଯାଉଛି, କିନ୍ତୁ ଏହାକୁ ସମ୍ପୂର୍ଣ୍ଣ କାର୍ଯ୍ୟକାରୀ ହେବାକୁ ୨୦୨୮ ପର୍ଯ୍ୟନ୍ତ ସମୟ ଲାଗିପାରେ।

# ରିଲାଏନ୍ସ ଡିଜିଟାଲ୍‌ର 'ଡିଜିଟାଲ୍ ଡିସକାଉଣ୍ଟ ଡେଜ୍'

PERSONALISING TECHNOLOGY



ଭୁବନେଶ୍ୱର,୧୮।୪(ସମିସ): ରିଲାଏନ୍ସ ଡିଜିଟାଲ୍ ଏହାର ବହୁ ପ୍ରତୀକ୍ଷିତ ଡିଜିଟାଲ୍ ଡିସକାଉଣ୍ଟ ଡେଜ୍ ଅଭିଯାନ ଉନ୍ମୋଚନ କରିଛି। ଲାଟେଷ୍ଟ ଟେକ୍ନୋଲୋଜିକୁ ପୂର୍ବ ଅପେକ୍ଷା ଅଧିକ ରିୱାର୍ଡିଂ କରିବା ପାଇଁ ଅପଗ୍ରେଡ୍ କରିବା ନିମନ୍ତେ ଏହାକୁ ଡିଜାଇନ୍ କରାଯାଇଛି। ଅଭିଯାନର ଏକ ଅଂଶ ଭାବରେ ଗ୍ରାହକମାନେ ଅଗ୍ରଣୀ ବ୍ୟାଙ୍କ କାର୍ଡରେ ୨୬,୦୦୦ ଟଙ୍କା ପର୍ଯ୍ୟନ୍ତ ତୁରନ୍ତ ରିଆତି ପାଇପାରିବେ କିମ୍ବା ପେପର ଫାଇନାନ୍ସରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ କ୍ୟାସବ୍ୟାକ୍ ବାଛିପାରିବେ। ଏହା ସହିତ, ରିଲାଏନ୍ସ ଡିଜିଟାଲ୍ ଦ୍ୱିତୀୟ ଉତ୍ପାଦ ଉପରେ ଏକ ଫ୍ଲାଟ୍ ୫୦% ରିଆତି ପ୍ରଦାନ କରୁଛି, ଯାହା ଅଡିଓ ଡିଭାଇସ୍, ୱେରେବଲ୍‌ସ, ମୋବାଇଲ୍ ଏବଂ ଲାପଟପ୍ ଆକ୍ସେସରିଜ୍, ଚୟନିତ ହୋମ୍ ଏଣ୍ଟରଟେନମେଣ୍ଟ ଏବଂ ଛୋଟ ଉପକରଣ ଭଳି ବର୍ଗରେ ବଣ୍ଡଲ୍ କ୍ରୟକୁ ପ୍ରୋତ୍ସାହିତ କରୁଛି। ଅଫରରେ ହେଡଫୋନ୍ ଭଳି ଉତ୍ପାଦଗୁଡ଼ିକ ସେଗୁଡିକର ତାଲିକାଭୁକ୍ତ ମୂଲ୍ୟର ପ୍ରାୟ ଅଧା ମୂଲ୍ୟରେ ଉପଲବ୍ଧ। ୧,୬୯୯ ଟଙ୍କା ମୂଲ୍ୟର ଚୟନିତ ସ୍ପିକରଗୁଡ଼ିକ ପାଖାପାଖି ୮୫୦ ଟଙ୍କାରେ ଉପଲବ୍ଧ, ଯେତେବେଳେ କି ୯,୯୯୯ ଟଙ୍କାରେ ଉପଲବ୍ଧ ପ୍ରିମିୟମ୍ ହେଡଫୋନ୍ ଦ୍ୱିତୀୟ ଆଇଟମ୍ ଲାଭ ଅଧୀନରେ ପ୍ରାୟ ୫,୦୦୦ ଟଙ୍କାରେ ଉପଲବ୍ଧ। ୱେୟାରଲେସ୍ ମାଉସ୍, ଲାପଟପ୍ ଆକ୍ସେସରିଜ୍, ପାୱାର ବ୍ୟାଙ୍କ ଏବଂ ସାଣ୍ଡୱିଚ୍ ମେକର ଭଳି ଛୋଟ ରୋଷେଇ ଘର ଉପକରଣ ଭଳି ଦୈନନ୍ଦିନ ଆବଶ୍ୟକୀୟ ଜିନିଷଗୁଡ଼ିକ ମଧ୍ୟ ଏହି ଯୋଜନାର ଅଂଶ, ଯାହାର ପ୍ରତିଯୋଗିତାମୂଳକ ମୂଲ୍ୟ ୩୦୦ରୁ ୭୫୦ ଟଙ୍କା ମଧ୍ୟରେ ରହିଛି।

**ଗ୍ରାହକ ପାଇବେ ଅପ୍ରତ୍ୟାଶିତ ଅଫର**

# ଇରାନ ଯୁଦ୍ଧ: ୫୦ ଦିନରେ ୫୦୦ ନିୟୁତ ବ୍ୟାରେଲ ତେଲ ନଷ୍ଟ

ନୂଆଦିଲ୍ଲୀ,୧୮।୪(ଏଜେନ୍ସି): ଇରାନ ଯୁଦ୍ଧକୁ ଇତିମଧ୍ୟରେ ପ୍ରାୟ ୫୦ ଦିନ ବିତିଗଲାଣି। ଏହି ସମୟ ମଧ୍ୟରେ ବିଶ୍ୱକୁ ହୋଇଥିବା ଆର୍ଥିକ କ୍ଷତି ପୂରଣ ପାଇଁ ଅନେକ ବର୍ଷ ଲାଗିଯାଇପାରେ। ବଜାର ବିଶ୍ଳେଷକ ଏବଂ ରଏଟର୍ସର ରିପୋର୍ଟ ଅନୁଯାୟୀ, ଯୁଦ୍ଧ ଯୋଗୁଁ ୫୦୦ ନିୟୁତ ବ୍ୟାରେଲ ଅଶୋଧିତ ତେଲ ନଷ୍ଟ ହୋଇଛି। ଏହି କ୍ଷତି ପ୍ରାୟ ୫୦ ବିଲିୟନ ଡଲାର (ପ୍ରାୟ ୪.୬୩ ଲକ୍ଷ କୋଟି ଟଙ୍କା) ହେବ ବୋଲି ଆକଳନ କରାଯାଇଛି। ଏହାର ଅର୍ଥ ହେଉଛି ଏହି ୫୦ ଦିନରେ ବିଶ୍ୱ ପ୍ରାୟ ୪.୬୩ ଲକ୍ଷ କୋଟି କ୍ଷତି ସହିଛି। ଆମେରିକା ଏବଂ ଇସ୍ରାଏଲ ଫେବୃଆରୀ ୨୮ ତାରିଖରେ ଇରାନ ଉପରେ ଆକ୍ରମଣ କରିଥିଲେ। କେପ୍ଲର ତଥ୍ୟ ଅନୁଯାୟୀ, ଫେବୃଆରୀ ଶେଷ ଭାଗରେ ସଙ୍କଟ ଆରମ୍ଭ ହେବା ପରଠାରୁ ବିଶ୍ୱ ବଜାରରୁ ୫୦୦ ନିୟୁତ ବ୍ୟାରେଲରୁ ଅଧିକ ଅଶୋଧିତ ତେଲ ଏବଂ କଣ୍ଡେନ୍ସେଟ୍ ଅପସାରିତ ହୋଇଛି। ଏହାକୁ ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବିଶ୍ୱ ଶକ୍ତି ଯୋଗାଣ ସଙ୍କଟ ବୋଲି ବିବେଚନା କରାଯାଏ।

୫୦ ଦିନର ଯୁଦ୍ଧରେ ୫୦୦ ନିୟୁତ ବ୍ୟାରେଲ ଅଶୋଧିତ ତେଲ ଉତ୍ପାଦନ ହୋଇ ନ ଥିଲା। ବିଶେଷଜ୍ଞଙ୍କ ମତରେ, ଏଥିଯୋଗୁ ହୋଇଥିବା କ୍ଷତି ସମଗ୍ର ବିଶ୍ୱର ୫ ଦିନର ତେଲ ଆବଶ୍ୟକତା ସହିତ ସମାନ। ଏହା ବିଶ୍ୱ ସ୍ତରରେ ୧୦ ସପ୍ତାହର ବିମାନ ଇନ୍ଧନ ଚାହିଦା ସହିତ ସମାନ ରହିଥିବାବେଳେ ବିଶ୍ୱ ସ୍ତରରେ ୧୧ ଦିନର

## ବିଶ୍ୱକୁ ୫୦ ବିଲିୟନ ଡଲାରର ଝଟ୍‌କା

## ପୁନରୁଦ୍ଧାର ପାଇଁ ଅନେକ ବର୍ଷ ଲାଗିବ

ଯାନବାହନ ପାଇଁ ଇନ୍ଧନ ସହିତ ସମାନ। କେବଳ ଏହା ଯୁକ୍ତରାଷ୍ଟ୍ର ପାଇଁ ଏକ ମାସର ତେଲ ଚାହିଦା ସହିତ ସମାନ। ଏହି ସ୍ଥିତି ୬ ବର୍ଷ ପାଇଁ ଆମେରିକୀୟ ସାମରିକ ବାହିନୀର ମୋଟ ଇନ୍ଧନ ବ୍ୟବହାର ସହିତ ସମାନ। ଏହି ପରିମାଣର ତେଲ ୟୁରୋପର ଏକ ମାସରୁ ଅଧିକ ସମୟ ପାଇଁ ଆବଶ୍ୟକତା ପୂରଣ କରିପାରିବ। ଏପରିକି ଏହା ନ୍ତର୍ଜାତୀୟ ଜାହାଜ ଶିଳ୍ପ ପାଇଁ ଚାରି ମାସର ଇନ୍ଧନ ସହିତ ସମାନ ବୋଲି କୁହାଯାଉଛି।

ଯୁଦ୍ଧ ସମୟରେ ଅଶୋଧିତ ତୈଳର ହାରାହାରି ମୂଲ୍ୟ ପ୍ରତି ବ୍ୟାରେଲ ୧୦୦ ଡଲାର ଥିଲା। କେପ୍‌ଲରର ବରିଷ୍ଠ ବିଶ୍ଳେଷକ ଜୋହାନ୍ସ ରାଉବାଲଙ୍କ ମତରେ, ବଜାରରେ ନଷ୍ଟ ହୋଇଥିବା ତେଲର ମୂଲ୍ୟ ପ୍ରାୟ ୫୦ ବିଲିୟନ ଡଲାର। ଏହି ପରିମାଣ ଜର୍ମାନୀର ବାର୍ଷିକ ଜିଡିପିର ୧% ସହିତ ସମାନ। ଏହା ଲାଟଭିଆ କିମ୍ବା ଏଷ୍ଟୋନିଆ ଭଳି ଛୋଟ ଦେଶଗୁଡ଼ିକର ସମଗ୍ର ଅର୍ଥନୀତି (ଜିଡିପି) ସହ ସମାନ। ଯୁଦ୍ଧ ଯୋଗୁଁ, ଉପସାଗରୀୟ ଦେଶଗୁଡ଼ିକ ମାର୍ଚ୍ଚ ମାସରେ ପ୍ରତିଦିନ ପ୍ରାୟ ୮ ନିୟୁତ ବ୍ୟାରେଲର ଅଶୋଧିତ ତୈଳ ଉତ୍ପାଦନ କରିପାରି ନ ଥିଲେ। ସାଉଦି ଆରବ, କତାର, ୟୁଏଇ ଏବଂ କୁୱେତ ଭଳି ଦେଶଗୁଡ଼ିକରୁ ବିମାନ ଇନ୍ଧନ ରପ୍ତାନି ଫେବୃଆରୀରେ ୧୯.୬ ନିୟୁତ ବ୍ୟାରେଲରୁ ମାର୍ଚ୍ଚ-ଏପ୍ରିଲରେ ମାତ୍ର ୪,୧ ନିୟୁତ ବ୍ୟାରେଲକୁ ହ୍ରାସ ପାଇଛି। ଏହି କ୍ଷତି ନ୍ୟୁୟର୍କ ଏବଂ ଲଣ୍ଡନ ମଧ୍ୟରେ ୨୦,୦୦୦ ରାଉଣ୍ଡ-ଟ୍ରିପ୍ ବିମାନ ପାଇଁ ପର୍ଯ୍ୟାପ୍ତ ଇନ୍ଧନ ସହିତ ସମାନ। ଯଦି ସଙ୍କଟ ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହେ, ତେବେ ଭାରତ ସମେତ ସମଗ୍ର ବିଶ୍ୱରେ ଏହାର ପ୍ରଭାବ ଅନୁଭୂତ ହୋଇପାରେ।

# ଟିପିସିଓଡିଏଲ୍ ପକ୍ଷରୁ କଷ୍ଟମର ରିୱାର୍ଡ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୮।୪(ସମିସ): ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ଏହାର ବହୁ ପ୍ରତୀକ୍ଷିତ 'କଷ୍ଟମର ରିୱାର୍ଡ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଗ୍ରାହକଙ୍କ ସହ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଏବଂ ନିଜର ସେବା ଯୋଗାଣ ଅଞ୍ଚଳରେ ଉପଭୋକ୍ତାମାନଙ୍କୁ ଭରସାଯୋଗ୍ୟ ସେବା ପ୍ରଦାନ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏହା ମାଧ୍ୟମରେ କମ୍ପାନୀ କେବଳ ପାରମ୍ପରିକ ବିଦ୍ୟୁତ୍ ସେବା ପ୍ରଦାନ ମଧ୍ୟରେ ସୀମିତ ନରହି ନିଜର ମୂଲ୍ୟବାନ ଗ୍ରାହକମାନଙ୍କୁ ସ୍ୱତନ୍ତ୍ର ସୁବିଧା ଏବଂ ପୁରସ୍କାର ପ୍ରଦାନ କରିବ। ଏହି ସ୍ୱତନ୍ତ୍ର ପଦକ୍ଷେପ ମାଧ୍ୟମରେ ଗ୍ରାହକମାନେ ବଛାବଛା ବ୍ରାଣ୍ଡ ଉପରେ ସର୍ବାଧିକ ୩୦% ପର୍ଯ୍ୟନ୍ତ ରିଆତି ପାଇବାର ସୁଯୋଗ ପାଇବେ। ଏହାର ପ୍ରମୁଖ ସୁବିଧାଗୁଡ଼ିକ ମଧ୍ୟରେ ଆମୋଦ ପ୍ରମୋଦ ପାର୍କ ଟିକେଟ୍ ଉପରେ ସ୍ୱତନ୍ତ୍ର ରିହାତି, ଗ୍ରୋସରୀ କିଣାକିଣି ଉପରେ କ୍ୟାଶ୍‌ବ୍ୟାକ୍, ଏବଂ ଇଲେକ୍ଟ୍ରୋନିକ୍ ଉପକରଣ କିଣିବା ସମୟରେ ଅର୍ଥ ସଞ୍ଚୟ କରିବାର ସୁବିଧା ରହିଛି। ଏହା ବ୍ୟତୀତ ଗ୍ରାହକମାନେ ଫିଟନେସ୍ ସଦସ୍ୟତା ଏବଂ ବିଭିନ୍ନ ଆତିଥ୍ୟ ସେବା କ୍ଷେତ୍ରରେ ମଧ୍ୟ ଆକର୍ଷଣୀୟ ଲାଭ ପାଇପାରିବେ। ୭ଟି ଅଂଶୀଦାର କମ୍ପାନୀ ଏବଂ ୨୦ରୁ ଅଧିକ ପ୍ରତିଷ୍ଠିତ ବ୍ରାଣ୍ଡର ସହଯୋଗରେ ବିକଶିତ ଏହି କାର୍ଯ୍ୟକ୍ରମ ଟିପିସିଓଡିଏଲ୍‌ର ୩୦ ଲକ୍ଷରୁ ଅଧିକ ଉପଭୋକ୍ତାଙ୍କ ପାଇଁ ଏକ ବ୍ୟାପକ ପୁରସ୍କାର ବ୍ୟବସ୍ଥା ସୃଷ୍ଟି କରୁଛି।

# ଟାଟା ଇଣ୍ଟ୍ରା ଇଭି ସହ 'କୋଷ୍ଟ ଟୁ ହିଲ୍' ଡ୍ରାଇଭ୍ ଚ୍ୟାଲେଞ୍ଜ୍


ଭୁବନେଶ୍ୱର,୧୮।୪(ସମିସ): ବାଣିଜ୍ୟିକ ଯାନ ସେଗ୍‌ମେଣ୍ଟରେ ଇଲେକ୍ଟ୍ରିକ୍ ମୋବିଲିଟିକୁ ପ୍ରୋତ୍ସାହନ ଦେବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ, ଟାଟା ମୋଟର୍ସ ଆଜି ନଖରାସ୍ଥିତ ତୃପ୍ତି ଅଟୋମୋଟିଭ୍ସରେ ନୂତନ ଟାଟା ଇଣ୍ଟ୍ରା ଇଭି ସହ 'କୋଷ୍ଟ ଟୁ ହିଲ୍' ଡ୍ରାଇଭ୍ ଚ୍ୟାଲେଞ୍ଜର ଶୁଭାରମ୍ଭ ହୋଇଛି । ଏହି ପ୍ରୟାସର ଲକ୍ଷ୍ୟ ହେଉଛି ବିଭିନ୍ନ ପ୍ରକାର ରାସ୍ତା ଓ ପରିସ୍ଥିତିରେ ଗାଡିର ଅସଲ କାର୍ଯ୍ୟକ୍ଷମତାକୁ ଦେଖାଇବା, ଯାହା ସମୁଦ୍ରତଟରୁ ପାହାଡି ଅଞ୍ଚଳ ପର୍ଯ୍ୟନ୍ତ ଯାତ୍ରା କରିବ। ବିଭିନ୍ନ ପ୍ରକାର ରାସ୍ତା ଓ ଭୂପୃଷ୍ଠ ପରିସ୍ଥିତିକୁ ଧ୍ୟାନରେ ରଖି କୌଶଳଗତ ଭାବେ ଯୋଜନା କରାଯାଇଥିବା ଏହି ଯାତ୍ରାଟି ବାଲେଶ୍ୱର ରୁ ଆରମ୍ଭ ହୋଇ ମାଲକାନଗିରି ପର୍ଯ୍ୟନ୍ତ ଯିବାର ଯୋଜନା ରହିଛି। ଏହି ଅବସରରେ ତୃପ୍ତି ଅଟୋମୋଟିଭ୍ସର ଏମ୍‌ଡି ବିମଳେନ୍ଦୁ ମହାନ୍ତି କହିଛନ୍ତି ଯେ, 'କୋଷ୍ଟ ଟୁ ହିଲ୍' ଡ୍ରାଇଭ୍ ଚ୍ୟାଲେଞ୍ଜ




ମାଧ୍ୟମରେ ଆମେ ଏହା ପ୍ରମାଣ କରିବାକୁ ଚାହୁଁଛୁ ଯେ ଇଲେକ୍ଟ୍ରିକ ଯାନ ଭୂପୃଷ୍ଠ କିମ୍ବା ଦୂରତା ଦ୍ୱାରା ସୀମିତ ନୁହେଁ। ଏହି ପ୍ରୟାସ ରେଞ୍ଜ, ସ୍ଥାୟିତ୍ୱ ଓ ଚାର୍ଜିଂ ଇନ୍‌ଫ୍ରାଷ୍ଟ୍ରକ୍ଚର ସମ୍ପର୍କରେ ଦୀର୍ଘଦିନ ଧରି ଥିବା ଭୁଲ ଧାରଣାକୁ ଦୂର କରିବା ସହିତ ଅସଲ ପରିଚାଳନା ପରିସ୍ଥିତିରେ ଯାନଟିର କ୍ଷମତାକୁ ପ୍ରଦର୍ଶନ କରିବ।

# ଅନିଲ ଅଗ୍ରୱାଲଙ୍କ ବିରୋଧରେ ଏଫଆଇଆରକୁ ନବୀନ ଜିନ୍ଦଲଙ୍କ ନିନ୍ଦା

ଭୁବନେଶ୍ୱର, ୧୮।୪(ସମିସ): ଛତିଶଗଡ଼ର ସିଙ୍ଘିତାରାଇରେ ସମ୍ପ୍ରତି ଘଟିଥିବା ବଏଲର ବିସ୍ଫୋରଣ ଦୁର୍ଘଟଣାର ଯଥାର୍ଥ ପ୍ରକ୍ରିୟା ଏବଂ ପରିଚାଳନା ପଦ୍ଧତି ଉପରେ ଏମ୍‌ପି ତଥା ଜିନ୍ଦଲ ଷ୍ଟିଲର ଅଧ୍ୟକ୍ଷ ନବୀନ ଜିନ୍ଦଲ ଗମ୍ଭୀର ଚିନ୍ତା ପ୍ରକଟ କରିଛନ୍ତି। ଶ୍ରୀ ଜିନ୍ଦଲ ଏକ ବିବୃତ୍ତିରେ ବେଦାନ୍ତ ଗ୍ରୁପର ଅଧ୍ୟକ୍ଷ ଅନୀଲ ଅଗ୍ରୱାଲଙ୍କୁ ସମର୍ଥନ କରିଛନ୍ତି। ଏହି ଦୁଃଖଦ ଘଟଣା ସମ୍ପର୍କରେ ଉଲ୍ଲେଖ କରି ଜିନ୍ଦଲ କହିଛନ୍ତି, ଛତିଶଗଡ଼ର ଦୁଃଖଦ ଘଟଣା ଅତ୍ୟନ୍ତ ଯନ୍ତ୍ରଣାଦାୟକ। ୨୦ ପରିବାର ସବୁକିଛି ହରାଇଛନ୍ତି। ତଥ୍ୟ ପ୍ରମାଣିତ ହେବା ପୂର୍ବରୁ ଶ୍ରୀ ଅଗ୍ରୱାଲଙ୍କ ନାମ ଏଫଆଇଆରରେ ରଖିବା ନିଷ୍ପତ୍ତିକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ସେ ଜଣେ ନମ୍ର ଏବଂ ପଛୁଆ ସମ୍ପ୍ରଦାୟ ପୃଷ୍ଠଭୂମିରୁ ଆସିଥିବା ଜଣେ ସ୍ୱ-ନିର୍ମିତ ବ୍ୟକ୍ତି ଯିଏ ମୂଳରୁ ଏକ ବିଶ୍ୱସ୍ତରୀୟ ଉଦ୍ୟୋଗ ନିର୍ମାଣ କରିଥିଲେ। ସେହି ପ୍ଲାଣ୍ଟର କାର୍ଯ୍ୟରେ ତାଙ୍କର କୌଣସି ଭୂମିକା ନ ଥିଲା। ଦେଶର ବ୍ୟାପକ ଅର୍ଥନୈତିକ ଦୃଷ୍ଟିକୋଣ ସହିତ ଏହି ପ୍ରସଙ୍ଗକୁ ଯୋଡ଼ି ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତର ବିକଶିତ



## ଛତିଶଗଡ଼ର ବଏଲର ବିସ୍ଫୋରଣ ତଦନ୍ତ

ଭାରତ ଦୃଷ୍ଟିକୋଣକୁ ନିବେଶ ଏବଂ ନିର୍ମାଣ ଜାରି ରଖିବା ପାଇଁ ଅନିଲ ଅଗ୍ରୱାଲ ଭଳି ଲୋକଙ୍କ ଆବଶ୍ୟକତା ରହିଛି। ଏହା ସେତେବେଳେ ଘଟେ ଯେତେବେଳେ ନିବେଶକମାନେ ବ୍ୟବସ୍ଥା ଉପରେ ବିଶ୍ୱାସ କରନ୍ତି।

**କାକବନ୍ଧ ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା**

# ବିଜେଡିର ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ




ବାରିପଦା, ୧୮।୪(ସମିସ): ରାସଗୋବିନ୍ଦପୁର ବ୍ଲକ୍ କାକବନ୍ଧ ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଝାଡ଼ାବାନ୍ତିରେ ଜଣେ ଛାତ୍ରୀଙ୍କ ମୃତ୍ୟୁ ଓ ୧୫୦ରୁ ଊର୍ଦ୍ଧ୍ୱ ଅସୁସ୍ଥ ଘଟଣାରେ ଶନିବାର ବିଜେଡି ପକ୍ଷରୁ ଆହୂତ ୧୨ ଘଣ୍ଟିଆ ମୟୂରଭଞ୍ଜ ବନ୍ଦ ଡାକରାକୁ ପୂର୍ଣ୍ଣ ସମର୍ଥନ ମିଳିଛି। କଂଗ୍ରେସ ସମେତ ସିପିଆଇଏମ୍ ଏବଂ ଓକିଲ ସଂଘ ଓ ଯାତ୍ରୀବାହୀ ବସ୍ ସଂଘର ସମର୍ଥନରେ ସମଗ୍ର ଜିଲ୍ଲାରେ ବନ୍ଦ ସଫଳ ହୋଇଛି। ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ଡା. ଦେବାଶିଷ ମାରାଣ୍ଡିଙ୍କ ସମେତ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୂର୍ବତନ ବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ପୂର୍ବତନ ବିଧାୟକ ରାଜକିଶୋର ଦାସ, ଶ୍ରୀନାଥ ସୋରେନ, ଗଣେଶ୍ୱର ପାତ୍ର, ପ୍ରବକ୍ତା ପ୍ରିୟବ୍ରତ ମାଝୀ, ରାଇସେନ ମୁର୍ମୁ ପ୍ରମୁଖଙ୍କ ନେତୃତ୍ୱରେ ବିଭିନ୍ନ ସ୍ଥାନରେ ହରତାଳ ଜାରି ରହିଥିଲା। ୪ଟି ଉପଖଣ୍ଡ ସମେତ ୯ଟି ବିଧାନସଭା ନିର୍ବାଚନମଣ୍ଡଳୀରେ ସମସ୍ତ ନେତୃବୃନ୍ଦ ସାମିଲ ହେବା ସହ ଜନସାଧାରଣଙ୍କ ସ୍ୱତଃପ୍ରବୃତ୍ତ ସମର୍ଥନ ମିଳିଥିଲା।

**ସାମିଲ ହେଲେ କଂଗ୍ରେସ, ସିପିଆଇଏମ୍**

## ନରସିଂହପୁର ଜଙ୍ଗଲରେ ପୁଣି ଏକ ଅସୁସ୍ଥ ହାତୀ ମୃତ

ନରସିଂହପୁର, ୧୮।୪(ସମିସ): ନରସିଂହପୁର ପୂର୍ବ ବନ ବିଭାଗ ଅଧୀନ ବୋକଡା ସେକ୍ସନ ଗୁପ୍ତମାଣିକ ଗ୍ରାମ୍ୟ ଜଙ୍ଗଲରେ ଗୋଟିଏ ୫୫ରୁ ୬୦ବର୍ଷର ମାଈ ହାତୀର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସୂଚନାରୁ ପ୍ରକାଶ ଯେ ବୟସ୍କ ମାଈ ହାତୀଟି କିଛି ଦିନ ଧରି ଅସୁସ୍ଥ ଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ହାତୀଟିର ମୃତ୍ୟୁ ଘଟିଛି। ପୂର୍ବ ବନାଞ୍ଚଳ ରେଞ୍ଜର କୁଳେସ ଚନ୍ଦ୍ର ସାହୁ, ଆଠଗଡ଼ ଭାରପ୍ରାପ୍ତ ଡିଏଫ୍‌ଓ ଡ. ବିଶାଳ ଚିଟିଲିଚିଙ୍କ ସମେତ ପ୍ରାଣୀ ଚିକିତ୍ସା ଅଧିକାରୀ ସୌଭାଗ୍ୟ ଦାଶ ହାତୀର ଶବ ବ୍ୟବଚ୍ଛେଦ କରି ସେଠାରେ ପୋତି ଦେଇଥିଲେ। ବୟସାଧିକ କାରଣରୁ ହାତୀର ମୃତ୍ୟୁ ଘଟିଥିବା ରେଞ୍ଜର ଶ୍ରୀ ସାହୁ କହିଛନ୍ତି। ଏହାକୁ ମିଶାଇ ଗତ ଜାନୁୟାରୀ ୧୪ରୁ ଏପ୍ରିଲ ୧୭, ୩ମାସ ମଧ୍ୟରେ ଉଭୟ ପୂର୍ବ ଓ ପଶ୍ଚିମ ବନାଞ୍ଚଳ ଅଧୀନରେ ୬ଟି ହାତୀଙ୍କର ମୃତ୍ୟୁ ଘଟିଛି।

**ପାଟକୁରାରେ ରାଜନୈତିକ ଚର୍ଚ୍ଚା**

# ନବୀନ ଏବେ ବି ଲୋକପ୍ରିୟ; ଭୁଶୁଡୁଛି ବିଜୟଙ୍କ ସଂଗଠନ

ଭୁବନେଶ୍ୱର, ୧୮।୪ (ସମିସ): ପାଟକୁରାରେ ନବୀନ ଏବେ ବି ଲୋକପ୍ରିୟ, ଗତ ଶୁକ୍ରବାର ଏଠାରେ ଆୟୋଜିତ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୯ତମ ତିରୋଧାନ ଦିବସରୁ ପୁଣିଥରେ ପ୍ରମାଣିତ ହୋଇଛି। ବିଜେଡି ଜିଲ୍ଲା ଯୁବ ସଭାପତି ରାଜେଶ ଦାସ (ରାଜା)ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିଶାଳ ସମାବେଶରେ ୪ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ଯୋଗଦାନକୁ ନେଇ ଏବେ ପାଟକୁରାରେ ଚର୍ଚ୍ଚା ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସଞ୍ଜୟ ଦାସବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପାଟକୁରାର ତଥାକଥିତ ଟାଣୁଆ ନେତା ବିଜୟ ମହାପାତ୍ରଙ୍କ ଡାହାଣ ହାତ କୁହାଯାଉଥିବା ତଥା ପୂର୍ବତନ ବିଜେପି ସଭାପତି ଅମୀୟ ପରିଜା, ବିଜୟଙ୍କ ସମୟରେ ଏକଦା ଅନୁଗତ ଥିବା ତଥା ଘନିଷ୍ଠ କୁହାଯାଉଥିବା ଗରଦପୁର ବ୍ଲକ ଉପାଧ୍ୟକ୍ଷ ଥିବା ପ୍ରଫୁଲ୍ଲ ସିଂ ଓ ତେଣ୍ଡାକୁଡ଼ା ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମହାନ୍ତି, ପଦ୍ମପୁରର ପୂର୍ବତନ ସମିତି ସଭ୍ୟ ଭଜହରି ସେନାପତି, ବିଜୟଙ୍କ ରାଜନୈତିକ ଜୀବନରେ ଆଦ୍ୟରୁ ଥିବା ଅତ୍ୟନ୍ତ ବିଶ୍ୱସ୍ତ ପ୍ରତାପ ପାଣି, ଭୂନାଥ ମହାନ୍ତି, ନୃସିଂହ ସାମଲ ଓ ଗୋପାଳ ସାହୁ ପ୍ରମୁଖ ବିଜୟ ଓ ତାଙ୍କ ନବନିର୍ବାଚିତ ବିଧାୟକ ପୁତ୍ର ଅରବିନ୍ଦଙ୍କୁ ଛାଡ଼ି ବିଜେଡିରେ ମିଶିବା ଏବେ ପାଟକୁରାରେ ଆଲୋଚନାର ବିଷୟ ହୋଇଛି।

ସେହିପରି କଂଗ୍ରେସ ଓ ବିଜେପିର କିଛି ଟାଣୁଆ କର୍ମୀ ମଧ୍ୟ ନିଜ ନିଜ ଦଳ ଛାଡ଼ି ବିଜୁଙ୍କ ତିରୋଧାନ ଦିବସରେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱକୁ ଭରସା କରି ବିଜେଡିରେ ସାମିଲ ହେବା ପରେ କଂଗ୍ରେସ ଓ ବିଜେପି ଶିବିରରେ ମଧ୍ୟ ଛନକା ପଶିଛି। ଏହାଛଡ଼ା ମହିଳାମାନେ କିପରି ପାଟକୁରାରେ ସ୍ୱାଭିମାନ ସହ ରାଜନୀତି କରିବେ, ସେନେଇ ଯଥେଷ୍ଟ ସଚେତନ ଥିବା ବିଜେଡି, ବିଜୁବାବୁଙ୍କ ତିରୋଧାନ ଦିବସରେ ଦୁଇ ହଜାରରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସଭାସ୍ଥଳରେ ଏକଜୁଟ କରାଇବାରେ ମଧ୍ୟ ସଫଳ ହୋଇଛି।

ଅପରପକ୍ଷେ, ଭୁବନେଶ୍ୱରରେ ନାଗରିକ ମଞ୍ଚ ଦ୍ୱାରା ବିଜୟ ମହାପାତ୍ରଙ୍କ ଆବାହାକତ୍ୱରେ ପାଳିତ ତିରୋଧାନ ଦିବସରେ ବିଜୟ ବା ଅରବିନ୍ଦଙ୍କ ବିଶ୍ୱସ୍ତ କର୍ମୀ ଭୁବନେଶ୍ୱର ନ ଯିବା ଦେଖିବାକୁ ମିଳିଥିଲା। ଆସନ୍ତା ପଞ୍ଚାୟତ ନିର୍ବାଚନରେ ବିଜେଡି ନିଜ ଚିହ୍ନରେ ଲଢ଼ିବା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ବିଜୟଙ୍କ ସମର୍ଥକ କେଉଁ ଚିହ୍ନରେ ଲଢ଼ିବେ, ସେନେଇ ଆଶଙ୍କାରେ ଥିବା କର୍ମୀ ଓ ନେତା ମୁହଁଲୁଚା ଦେଇ ଭୁବନେଶ୍ୱର ଯାଇନାହାନ୍ତି କି ତାଙ୍କର ଅନୁଗାମୀଙ୍କୁ ପଠାଇନଥିବା ଆଲୋଚନା ହେଉଛି। ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ବିଜେଡିରୁ ନିଲମ୍ବିନ ହେବା ପରେ ବିଜେଡି ସୁପ୍ରିମୋ ପାଟକୁରାକୁ ନୂଆ ନେତା ଦେବେ ବୋଲି କହିଥିଲେ। ପାଟକୁରାବାସୀ ନବୀନଙ୍କ ଉପରେ ଭରସା ରଖିଛନ୍ତି। ତେଣୁ, ନବୀନ କାହାକୁ ପାଟକୁରା ଗଡ଼ ଦାୟିତ୍ୱ ଦେବେ, ତା' ଉପରେ ସମସ୍ତଙ୍କର ନଜର ରହିଛି।

